Candidate must not write on this margin.

CSM—74/23

PART—II/PAPER—VI

ANTHROPOLOGY

ନୃତତ୍ତ୍ୱ ବିଜ୍ଞାନ

PAPER—I

Time : 3 Hours
ସମୟ : ୩ ଘଣ୍ଟା

Full Marks : 250
ପୂର୍ଣ୍ଣ ସଂଖ୍ୟା : ୨୫୦

The question paper contains **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*
ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

GROUP—A
ଗ୍ରୁପ୍—A

Candidates to attempt **10** ***(ten)*** *questions within word limit of* **250**. *Each question carries* **15** *marks.*
ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

1. What evolutionary advancements are seen in *Homo erectus*? What are the distinguishing characteristics of Neanderthals compared to *Homo sapiens*?

ହୋମୋ ଇରେକ୍ଟସ୍ (*Homo erectus*) ମଧ୍ୟରେ କେଉଁ ବିବର୍ତ୍ତନଶୀଳ ପ୍ରଗତି ଦେଖା ଯାଇଛି। ହୋମୋ ସାପିଏନ୍ସ୍ (*Homo sapiens*) ଙ୍କ ତୁଳନାରେ ନିୟନଡ଼ର୍ଟାଲ (Neanderthals) ମାନଙ୍କ ମଧ୍ୟରେ କେଉଁ ପ୍ରଭେଦଗତ ବିଶେଷତ୍ୱ ରହିଛି।

2. Define marriage. What are the essential functions of marriage institutions in society? Discuss the various modes of acquiring mates in simple society.

ବିବାହର ସଂଜ୍ଞା କ'ଣ। ସମାଜରେ ବିବାହ ଅନୁଷ୍ଠାନର ଆତ୍ୟାବଶ୍ୟକ କାର୍ଯ୍ୟ କ'ଣ? ସରଳ ସମାଜରେ ସଙ୍ଗୀ (mates)କୁ ପାଇବା ପାଇଁ ବିଭିନ୍ନ ପ୍ରଣାଳୀ ଉପରେ ଆଲୋଚନା କର।

3. What is parallel evolution and how does it occur in different species? What is mosaic evolution and what role does mosaic evolution play in the transition from ancestral to modern species?

ସମାନ୍ତରାଳ ବିବର୍ତ୍ତନ (parallel evolution) କ'ଣ ଏବଂ ବିଭିନ୍ନ ପ୍ରଜାତିରେ ଏହା କିପରି ଘଟେ? ମୋଜାଇକ୍ (mosaic) ବିବର୍ତ୍ତନ କ'ଣ ଏବଂ ପୂର୍ବଜରୁ ଆଧୁନିକ ପ୍ରଜାତିର ପରିବର୍ତ୍ତନରେ ଏହାର ଭୂମିକା କ'ଣ?

4. What are the major groups (suborders) of living primates? How do primates compare to other mammals in terms of anatomy, behaviour and intelligence?

ଜୀବନ୍ତ ଆଦିମଜୀବର (primates) ମୁଖ୍ୟ ଶ୍ରେଣୀଗୁଡ଼ିକ କ'ଣ? ଆଦିମଜୀବ (primates) ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କରସହ ଶରୀର ଗଠନ, ବ୍ୟବହାର ଓ ବୁଦ୍ଧିମତ୍ତାରେ କିପରି ତୁଳନୀୟ?

5. What are significant archaeological sites and discoveries in India? How did the transition from the Paleolithic to the Iron Age Period in India influence the lifestyle, technology and subsistence strategies of early human populations?

ଭାରତର ବିଶିଷ୍ଟ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଓ ଆବିଷ୍କାର ଗୁଡ଼ିକ କ'ଣ? ଭାରତରେ ପୁରାତନ ପ୍ରସ୍ତର ଯୁଗରୁ ଲୌହଯୁଗକୁ ପରିବର୍ତ୍ତନ କାଳରେ ମାନବ ଜାତିର ଜୀବନଶୈଳୀ, ବୈଷୟିକ ଜ୍ଞାନ କୌଶଳ ଏବଂ ବଞ୍ଚିବାର କଳା କିପରି ପ୍ରଭାବିତ ହୋଇଥିଲା?

6. What is reproductive biology? How does demography help in understanding the population structure and growth patterns? How do the biological and socio-ecological factors influence fecundity, fertility, natality and mortality?

ପ୍ରଜନନ ଜୀବବିଜ୍ଞାନ କ'ଣ? ଜନସଂଖ୍ୟା ଗଠନ ଓ ବୃଦ୍ଧିଢ଼ାଞ୍ଚାକୁ ବୁଝିବାରେ ଜନସଂଖ୍ୟା ବିଜ୍ଞାନ କିପରି ସାହାଯ୍ୟ କରେ? ଜୈବିକ ଓ ସାମାଜିକ ପରିବେଶଗତ କାରକଗୁଡ଼ିକ କିପରି ପ୍ରଜନନହାର, ପ୍ରଜନନ କ୍ଷମତା ଜନ୍ମ ଓ ମୃତ୍ୟୁହାରକୁ ପ୍ରଭାବିତ କରନ୍ତି?

7. What is ethnicity and what is its relationship with the nation-state? How do multi-ethnic states face challenges in fostering political stability and national integration?

ଜାତିଗତ (ethnicity) କ'ଣ ଏବଂ ଜାତି-ରାଷ୍ଟ୍ରସହିତ ଏହାର ସଂପର୍କ କ'ଣ? ରାଜନୈତିକ ସ୍ଥିରତା ଏବଂ ଜାତୀୟ ସଂହତିକୁ ବୃଦ୍ଧିକରିବାରେ ବହୁଜାତୀୟ ରାଜ୍ୟଗୁଡ଼ିକ କିପରି ଆହ୍ୱାନର ସମ୍ମୁଖୀନ ହୁଅନ୍ତି।

Candidate must not write on this margin.

8. What are the basic differences between research methods and research techniques? Write notes on the following research techniques : Observation, Case Study Method, Genealogical Method and Participatory Rapid Rural Appraisal (PRA).

Research methods ଏବଂ Research techniques ମଧ୍ୟରେ ମୌଳିକ ପାର୍ଥକ୍ୟ କ'ଣ? ନିମ୍ନଲିଖିତ ରିସର୍ଚ୍ଚ ଟେକ୍ନିକ୍ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ : ଅବଜର୍ଭେସନ, କେସ୍-ଷ୍ଟଡି ପ୍ରଣାଳୀ, ଜେନେଲୋଜିକାଲ୍ ପ୍ରଣାଳୀ ଏବଂ ପାର୍ଟିସିପେଟୋରୀ ରାପିଡ୍ ରୁରାଲ୍ ଆପ୍ରାଇଜାଲ୍ (PRA)।

9. Define culture and discuss its nature. What is cultural evolution and how does the doctrine of classical evolution explain the development of human societies and cultures over time? Discuss.

ସଂସ୍କୃତିର ସଂଜ୍ଞା କ'ଣ ଏବଂ ଏହାର ପ୍ରକୃତି ସଂବଧରେ ଆଲୋଚନା କର। ସାଂସ୍କୃତିକ ବିବର୍ତ୍ତନ କ'ଣ ଏବଂ ଶାସ୍ତ୍ରୀୟ ବିବର୍ତ୍ତନ (classical evolution) ତତ୍ତ୍ୱ କିପରି ମାନବସମାଜର ଏବଂ ସଂସ୍କୃତିର ସମୟାନୁଯାୟୀ ବିକାଶକୁ ବୁଝାଏ।

10. What is the focus of economic anthropology and what are the characteristic features of the primitive economy? Write notes on hunting-gathering, barter and ceremonial exchange.

ଅର୍ଥନୈତିକ ନୃତତ୍ତ୍ୱ ବିଜ୍ଞାନର ଫୋକସ୍ (focus) କ'ଣ ଏବଂ ଆଦିମ ଅର୍ଥନୀତିର ବୈଶିଷ୍ଟ୍ୟ କ'ଣ? ଶିକାର (hunting-gathering), ଅଦଳବଦଳ (barter) ଏବଂ ଆନୁଷ୍ଠାନିକ ଆଦାନ-ପ୍ରଦାନ (ceremonial exchanges) ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ।

11. Define race and racism. What are the major environmental and biological factors influencing the formation of the human race? Discuss with examples.

ଜାତି (race) ଓ ଜାତିଭେଦ (racism)ର ସଂଜ୍ଞା ନିରୁପଣ କର। ମାନବଜାତି ଗଠନକୁ ପ୍ରଭାବିତ କରିଥିବା ମୁଖ୍ୟ ପରିବେଶଗତ ଓ ଜୈବିକ କାରଣଗୁଡ଼ିକ କ'ଣ ଉଦାହରଣ ଦେଇ ଆଲୋଚନା କର।

12. What are the key principles of human genetics? What methods are used to study genetic inheritance patterns in human populations? How does pedigree analysis help in understanding the inheritance of genetic traits and diseases in human families?

ମାନବ ଜେନେଟିକ୍ସ (genetics)ର ମୁଖ୍ୟ ନୀତିଗୁଡ଼ିକ କ'ଣ? ମାନବଜାତିରେ ଜେନେଟିକ୍ ଉତ୍ତରାଧିକାର (inheritance) ର ଢ଼ାଞ୍ଚାକୁ ଅନୁଧାନ କରିବାର ପ୍ରଣାଳୀ କ'ଣ? ବଂଶାବଳୀ ବିଶ୍ଳେଷଣ (pedigree analysis) କିପରି ଭାବେ ଜେନେଟିକ୍ ଗୁଣଗୁଡ଼ିକୁ ଏବଂ ମାନବପରିବାରରେ ରୋଗକୁ ଅନୁଧାନ କରିବାରେ ସାହାଯ୍ୟ କରେ?

Candidate must not write on this margin.

Candidate must not write on this margin.

GROUP—B

ଗ୍ରୁପ୍—B

Candidates to attempt **05 *(five)*** *questions within word limit of* **300**.
Each question carries **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

13. What do you understand by social structure and social organization? What are the important social institutions and groups in society and how do they contribute to maintaining social order and the smooth running of society? Discuss.

ସାମାଜିକ ଢ଼ାଞ୍ଚା (structure) ଓ ସାମାଜିକ ସଂଗଠନ (organization) କହିଲେ କ'ଣ ବୁଝ? ସମାଜରେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଅନୁଷ୍ଠାନ ଏବଂ ଗୋଷ୍ଠୀ (group) ଗୁଡ଼ିକ କ'ଣ ଏବଂ ସାମାଜିକ ବ୍ୟବସ୍ଥା ଓ ସମାଜକୁ ଠିକ୍ ଭାବେ ଚଳାଇବା ପାଇଁ ଏମାନଙ୍କର ଅବଦାନ କ'ଣ?

14. How did pre-Darwinian theories lay the foundation for modern evolutionary biology? What is adaptive radiation and how does it contribute to species diversification?

ପ୍ରାକ୍-ଡାରଉଇନ ମତବାଦ କିପରି ଆଧୁନିକ ବିବର୍ତ୍ତନାତ୍ମକ ଜୀବଜଗତ ପାଇଁ ମୂଳଦୁଆ ପକାଇଲା? Adaptive radiation କ'ଣ ଏବଂ ଏହା ପ୍ରଜାତି ବିବିଧୀକରଣରେ କିପରି ସାହାଯ୍ୟ କରେ?

15. What are the prime themes of cultural ecology, historical particularism and structural-functionalism? Discuss the theory of post-modernism.

ସାଂସ୍କୃତିକ ପରିବେଶ ବିଜ୍ଞାନ (cultural ecology) ଐତିହାସିକ ନିର୍ଦ୍ଦିଷ୍ଟବାଦ (historical particularism) ଏବଂ ଢ଼ାଞ୍ଚାଗତ କାର୍ଯ୍ୟକାରିତା (structural-functionalism) ର ମୁଖ୍ୟ ବିଷୟ କ'ଣ? ଆଧୁନିକ ପଦ୍ଧତି ପରବର୍ତ୍ତୀ ମତବାଦ (theory of post-modernism) ଉପରେ ଆଲୋଚନା କର।

16. What is Mendelian population? What is a gene pool and how does it represent the genetic diversity of a population? Write notes on Sickle Cell anaemia and Down syndrome.

ମେଣ୍ଡେଲିଆନ୍ ଜନସଂଖ୍ୟା କ'ଣ? ଜିନ୍ ପୁଲ୍ (gene pool) କ'ଣ ଏବଂ ଏହା ଜନସଂଖ୍ୟାର genetic ବିବିଧତାକୁ କିପରି ପ୍ରତିନିଧିତ୍ୱ କରେ? Sickle Cell ଏନେମିଆ ଓ Down syndrome ଉପରେ ବିବରଣୀ ଲେଖ।

17. What is kinship and what are the different types of descent systems in kinship? What are the functions of kinship in human societies?

ରକ୍ତସମ୍ପର୍କ (kinship) କ'ଣ ଏବଂ ରକ୍ତସମ୍ପର୍କରେ ବିଭିନ୍ନ ପ୍ରକାର ଅବତରଣ ପ୍ରଣାଳୀ (descent systems) କ'ଣ? ମାନବ ସମାଜରେ ରକ୍ତସମ୍ପର୍କର କାର୍ଯ୍ୟ କ'ଣ?

18. What do you understand by ecological anthropology and the concept of 'environmental determinism'? How can ecological anthropology help reduce the over-exploitation of biological and non-biological resources and promote sustainable development? Discuss with examples.

ପରିବେଶଗତ ନୃତତ୍ତ୍ୱ (ecological anthropology) ଏବଂ environmental determinism କହିଲେ କ'ଣ ବୁଝ? ଜୈବିକ ଓ ଅଜୈବିକ ସଂପଦର ଅତିମାତ୍ରାରେ ବ୍ୟବହାରକୁ ରୋକିବାରେ ଏବଂ ନିରନ୍ତର ବିକାଶ ପାଇଁ ପରିବେଶଗତ ନୃତତ୍ତ୍ୱ (ecological anthropology) କିପରି ସାହାଯ୍ୟ କରିପାରିବ ଉଦାହରଣ ଦେଇ ଆଲୋଚନା କର।

★★★

Candidate must not write on this margin.

SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.